# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**08th August - 2024**

**News Editor : *Tapan Kumar Maharana***

*********************************

## ମୁଖ୍ୟ ସମ୍ବାଦ

- ୱାକଫ୍ ବୋର୍ଡ଼ (ସଂଶୋଧନ) ବିଧେୟକ-୨୦୨୪ ଲୋକସଭାରେ ଆଗତ ।

- ପ୍ରଯୁକ୍ତି ବିଦ୍ୟାକୁ ବ୍ୟବହାର କରି ଭାରତୀୟ ଶିକ୍ଷା ବ୍ୟବସ୍ଥା ସର୍ବବ୍ୟାପୀ କରାଯାଇପାରିବ, କହିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

- ଦୃଷ୍ଟିବାଧିତ ଛାତ୍ରଛାତ୍ରୀମାନଙ୍କର ଶିକ୍ଷା ଓ ତାଲିମ ପ୍ରଦାନ ନେଇ ଜାପାନ ପ୍ରତିନିଧିଙ୍କ ସହ ସରକାରଙ୍କ ଆଲୋଚନା ।

ଏବଂ

- ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟର କେତେକ ଜିଲ୍ଲାରେ ଆସନ୍ତାକାଲି ପର୍ଯ୍ୟନ୍ତ ଲାଗି ରହିବ ବର୍ଷା ।

*HS*

## ୱାକଫ୍ ସଂଶୋଧନ ବିଲ୍

ଲୋକସଭାରେ ଆଜି କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ୱାକଫ୍ ବୋର୍ଡ (ସଂଶୋଧନ) ବିଧେୟକ, ୨୦୨୪ ଆଗତ କରିଛନ୍ତି । ଏହି ବିଧେୟକ ୧୯୯୫ ଆଇନରେ ସଂଶୋଧନ ଆଣିବ । ଆଗତ ବିଧେୟକରେ ରାଜ୍ୟ ୱାକଫ ବୋର୍ଡର ପରିଚାଳନା କ୍ଷମତା, ୱାକଫ ସମ୍ପତିର ପଞ୍ଜୀକରଣ ଆଦି ବ୍ୟବସ୍ଥାରେ ସଂଶୋଧନ କରାଯାଇଛି ।

ମନ୍ତ୍ରୀ ଶ୍ରୀ ରିଜିଜୁ ଏ ସମ୍ପର୍କିତ ଆଲୋଚନାରେ ଉତ୍ତର ଦେଇ କହିଛନ୍ତି, ବିଲରେ କୌଣସି ଧାର୍ମିକ ସଂସ୍ଥାର ସ୍ୱାଧୀନତାରେ ହସ୍ତକ୍ଷେପ କରାଯାଇ ନାହିଁ। ଏନ୍.ଡି.ଏ.ର ସହଯୋଗୀ ଦଳ ଜନତା ଦଳ ୟୁନାଇଟେଡ୍ ଓ ତେଲୁଗୁ ଦେଶମ୍ ପାର୍ଟି ବିଲକୁ ସମର୍ଥନ କରି ଏହି ବିଲ୍ ମୁସଲମାନ ବିରୋଧୀ ନୁହେଁ ବୋଲି କହିଛନ୍ତି ।

*Desk*

## ଧର୍ମେନ୍ଦ୍ର ପ୍ରଧାନ

ପ୍ରଯୁକ୍ତିବଦ୍ୟାକୁ ବ୍ୟବହାର କରି ଭାରତୀୟ ଶିକ୍ଷା ବ୍ୟବସ୍ଥା ସର୍ବବ୍ୟାପୀ କରିବା ସହିତ ଅତ୍ୟାଧୁନିକ ପଦ୍ଧତିରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଇ ପାରିବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ୟୁଟ୍ୟୁବ୍‌ର ମୁଖ୍ୟ

କାର୍ଯ୍ୟନିର୍ବାହୀ ଅଧିକାରୀ ନୀଲ୍ ମୋହନଙ୍କ ସହ ନୂଆଦିଲ୍ଲୀରେ ଆଲୋଚନା କରି ମନ୍ତ୍ରୀ ଶ୍ରୀ ପ୍ରଧାନ ଭାରତୀୟ ଶିକ୍ଷା ପରିସଂସ୍ଥାନରେ ୟୁଟ୍ୟୁବ୍‌ର କାର୍ଯ୍ୟକୁ ଫଳପ୍ରଦ ବୋଲି କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି, ଦେଶର ଶୈକ୍ଷିକ ବାତାବରଣକୁ ୟୁଟ୍ୟୁବ୍ କିପରି ଅଧିକରୁ ଅଧିକ ଫଳପ୍ରଦ କରିପାରିବ, ସେ ସମ୍ପର୍କରେ ୟୁଟ୍ୟୁବ୍‌ର କାର୍ଯ୍ୟନିର୍ବାହୀ ଅଧକାରୀଙ୍କ ସହ ଆଲୋଚନା କରିଥିଲେ ।

***Desk***

## ଶସ୍ୟ ଏ.ଟି.ଏମ୍.

ଦେଶର ପ୍ରଥମ ଅନ୍ନପୂର୍ଣ୍ଣ ଶସ୍ୟ ଏଟିଏମ୍ ଭୁବନେଶ୍ୱରର ମଞ୍ଚେଶ୍ୱରଠାରେ ଆଜିଠାରୁ କାର୍ଯ୍ୟକ୍ଷମ କରାଯାଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ଏହି ଏଟିଏମ୍‌ରେ ୨୪ ଘଣ୍ଟିଆ ଚାଉଳ ଏବଂ ଗହମ ଉପଲବ୍ଧ ହେବ। ତେବେ ଏଥିପାଇଁ ହିତାଧିକାରୀଙ୍କୁ ମେସିନ୍‌ରେ ବାୟୋମେଟ୍ରିକ୍, ରାସନକାର୍ଡ ଏବଂ ଆଧାରକାର୍ଡ ସମ୍ପର୍କିତ ସୂଚନା ଦେବାକୁ ପଡିବ।  ସମଗ୍ର ରାଜ୍ୟର ହିତାଧିକାରୀ ଏହି ଏଟିଏମ୍‌ରୁ ଶସ୍ୟ ପାଇପାରିବେ ବୋଲି ସେ କହିଛନ୍ତି। ଶସ୍ୟ ଏଟିଏମ୍‌ର ସଫଳ କାର୍ଯ୍ୟକାରିତାକୁ ନେଇ ପର୍ଯ୍ୟାୟକ୍ରମେ ଆଗାମୀ ଦିନରେ ରାଜ୍ୟର ଅନ୍ୟ ଜିଲ୍ଲାଗୁଡ଼ିକରେ ଶସ୍ୟ ଏଟିଏମ୍ ଖୋଲାଯିବ।

*Desk*

## ନୂଆ ମଦ ଦୋକାନ

ରାଜ୍ୟରେ ନୂଆ ମଦ ଦୋକାନ ଖୋଲିବା ନେଇ ସରକାରଙ୍କ କୌଣସି ଯୋଜନା ନାହିଁ ବୋଲି ଅବକାରୀ ଓ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ସେ କହିଛନ୍ତି, ରାଜ୍ୟରେ ଚୋରା ମଦ ଚାଲାଣ ବନ୍ଦ କରିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି। ଏଥିପାଇଁ ସ୍ୱତନ୍ତ୍ର ନୀତି ପ୍ରଣୟନ କରାଯିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି ବୋଲି ସେ କହିଛନ୍ତି। ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ମଦ ନୀତିରେ ଆବଶ୍ୟକ ସଂଶୋଧନ ହେବା ନେଇ ସେ ସୂଚନା ଦେଇଛନ୍ତି।

*Desk*

## ଆଳୁ ସ୍ଥିତି

ରାଜ୍ୟରେ ଆଗାମୀ ୨ ଦିନ ମଧ୍ୟରେ ଆଳୁ ସ୍ଥିତି ସ୍ୱାଭାବିକ ହେବ ବୋଲି ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଆଳୁର ଅଭାବ ନେଇ ଆତଙ୍କିତ ନ ହେବାକୁ ସେ ରାଜ୍ୟବାସୀଙ୍କୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ପଶ୍ଚିମବଙ୍ଗ ଏବଂ ଉତ୍ତରପ୍ରଦେଶରୁ ଆଳୁ ଆଣିବା ନେଇ

ଆଲୋଚନା ଚାଲିଛି।  ଏହାର ସକାରାତ୍ମକ ପ୍ରଭାବ ନେଇ ସେ ଆଶା ପ୍ରକାଶ କରିଛନ୍ତି। ଭୁବନେଶ୍ୱର ଆଇଗିଣିଆସ୍ଥିତ କୁବେରପୁରୀ ଆଳୁ ଗୋଦାମକୁ ପଶ୍ଚିମବଙ୍ଗରୁ ୫ ଟ୍ରକ ଆଳୁ ଆସି ପହଞ୍ଚିଛି। ଉତ୍ତରପ୍ରଦେଶରୁ ଆଳୁ ଆସିବାକୁ ଅପେକ୍ଷା କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।

*Nayagarh/R*

# ବାଚସ୍ପତି – ଖଣ୍ଡପଡ଼ା ବନ୍ୟାଞ୍ଚଳ

ବାଚସ୍ପତି ସୁରମା ପାଢ଼ୀ ଆଜି ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ଗସ୍ତରେ ଯାଇ ବନ୍ୟାଞ୍ଚଳ ବୁଲି ଦେଖିଛନ୍ତି । ଲଗାଣ ବର୍ଷା ଯୋଗୁଁ ଖଣ୍ଡପଡ଼ାରେ କିଛି ଅଞ୍ଚଳ ଜଳବନ୍ଦୀ ରହିଛି । ବାଚସ୍ପତିଙ୍କ ସହିତ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ସହିତ ଅନ୍ୟମାନେ ବନ୍ୟାଞ୍ଚଳ ବୁଲି ଦେଖିଥିଲେ ।

*IPR*

# ଦୃଷ୍ଟିବାଧିତ

ରାଜ୍ୟରେ ଦୃଷ୍ଟିବାଧିତ ଛାତ୍ରଛାତ୍ରୀମାନଙ୍କପାଇଁ ସ୍ୱତନ୍ତ୍ର ଧନ୍ଦାମୂଳକ ତାଲିମ ଶିକ୍ଷାନୁଷ୍ଠାନ ଗଠନ ନେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି । ବିଭାଗୀୟ ପ୍ରମୁଖ ଶାସନ ସଚିବ

ବିଷ୍ଣୁପଦ ସେଠୀ ଏହି ସମ୍ବନ୍ଧରେ ଜାପାନ ପ୍ରତିନିଧିଙ୍କ ସହିତ ଆଲୋଚନା କରିଛନ୍ତି । ଦୃଷ୍ଟିବାଧିତ ଛାତ୍ରଛାତ୍ରୀମାନଙ୍କୁ ଉପଯୁକ୍ତ ଶିକ୍ଷା ଓ ତାଲିମ ପ୍ରଦାନ କରିବା ସହିତ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ସରକାର ପ୍ରୟାସ ଜାରି ରଖିଛନ୍ତି ।

*Khurda/R*

## ଡିଜିଟାଲ୍ ଦେଣନେଣ

ଡିଜିଟାଲ୍ ଦେଣନେଣ ବ୍ୟବସ୍ଥାକୁ ଉତ୍ସାହିତ କରିବାପାଇଁ ଖୋର୍ଦ୍ଧାରୋଡ଼୍ ରେଳମଣ୍ଡଳ ପକ୍ଷରୁ ୧୧୩ଟି ରେଳଷ୍ଟେସନ୍‌ର ଟିକେଟ୍ ବୁକିଙ୍ଗ୍ କାଉଣ୍ଟର୍‌ରେ QR କୋଡ୍ ଡିସ୍‌ପ୍ଲେ ଡିଭାଇସ୍ ସ୍ଥାପନ କରାଯାଉଛି । ଭୁବନେଶ୍ୱର, ପୁରୀ, ଖୋର୍ଦ୍ଧାରୋଡ଼୍, ବ୍ରହ୍ମପୁର, କଟକ ଆଦି ୭୫ଟି ରେଳଷ୍ଟେସନ୍‌ରେ ଏହାର କାର୍ଯ୍ୟ ଶେଷ ହୋଇଛି । ଆସନ୍ତା ସପ୍ତାହରେ QR ଦେୟ ସୁବିଧା ବ୍ୟବସ୍ଥା ମଣ୍ଡଳ ଅନ୍ତର୍ଗତ ଅନ୍ୟ ରେଳଷ୍ଟେସନ୍‌ରେ କାର୍ଯ୍ୟକାରୀ କରାଯିବ ।

***Boudh/R***

# ପି.ଏମ୍. ଅଜୟ ପ୍ରକଳ୍ପ

ବୌଦ୍ଧଠାରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନଙ୍କ ଅଧ୍ୟକ୍ଷତାରେ ପି.ଏମ୍. ଅଜୟ ପ୍ରକଳ୍ପ ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ବୌଦ୍ଧ ବ୍ଲକ୍‌ର ୨ଟି ଓ ହରଭଙ୍ଗା ବ୍ଲକ୍‌ର ୫ଟି ଗ୍ରାମର ପ୍ରକଳ୍ପକୁ ମଞ୍ଜୁରି ପ୍ରଦାନ କରାଯାଇଥିଲା । ସେହିପରି ଜନକଲ୍ୟାଣ ବିଭାଗଦ୍ୱାରା ପରିଚାଳିତ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ବିକାଶ ପାଇଁ ଦିଆଯାଇଥିବା ଅନୁଦାନର ସମୀକ୍ଷା କରାଯାଇଥିଲା ।

***HS, Khurda/R***

# ଖଣି - କାରଣ ଦର୍ଶାଅ

ଖୋର୍ଦ୍ଧା ଜିଲ୍ଲାରେ ଅବସ୍ଥିତ ୧୯ଟି ଖଣି ଲିଜ୍‌ଧାରୀଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି । ଧାର୍ଯ୍ୟ ଅନୁମୋଦିତ ପରିମାଣଠାରୁ ଅଧିକ ଉତ୍ତୋଳନ ସକାଶେ ଓଡ଼ିଶା ଲଘୁ ଖଣିଜ ଆଇନ, ୨୦୧୬ ଅନୁସାରେ ଏହି କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ୭ ଦିନ ମଧ୍ୟରେ ରୟାଲ୍‌ଟି, ଆନୁଷଙ୍ଗିକ ଦେୟ ଏବଂ ଅଧିକ ଉତ୍ତୋଳନପାଇଁ ଜରିମାନାର ମୂଲ୍ୟ ଦାଖଲ କରିବାକୁ ନୋଟିସ୍‌ରେ ଉଲ୍ଲେଖ କରାଯାଇଛି ।

ଜମି ଜବରଦଖଲକାରୀଙ୍କୁ ଚିହ୍ନଟ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ।

***Keonjhar/R***

## ଶ୍ରମିକ ସଚେତନତା

କେନ୍ଦଝରଠାରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଏବଂ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଅଣସଙ୍ଗଠିତ ଶ୍ରମିକ ସଚେତନତା ଓ ପଞ୍ଜୀକରଣ ଶିବିର ଅନୁଷ୍ଠିତ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ଲଳିତ ସୋରେଙ୍ଗ୍'ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଅଣସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ ନିମନ୍ତେ ଉପଲବ୍ଧ ଥିବା ସମସ୍ତ ସହାୟତା ସମ୍ପର୍କରେ ଆଲୋଚନା କରାଯାଇଥିଲା ।

***Sonepur, Dhenkanal/R***

## ଫାଇଲେରିଆ ନିୟନ୍ତ୍ରଣ ଅଭିଯାନ

ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଫାଇଲେରିଆ ସଚେତନତା ଅଭିଯାନ ଆରମ୍ଭ ହୋଇଛି । ଜିଲ୍ଲାର ୬ଟି ବ୍ଲକ୍ ଅନ୍ତର୍ଗତ ଗ୍ରାମାଞ୍ଚଳରେ ଫାଇଲେରିଆ ନିୟନ୍ତ୍ରଣ କରିବା ଲାଗି ସଚେତନତା ରଥ ପରିକ୍ରମା କରିବ ।

ଆସନ୍ତା ୧୦ ତାରିଖ ଶନିବାରଠାରୁ ୧୯ ତାରିଖ ପର୍ଯ୍ୟନ୍ତ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ କିମ୍ବା ତାଲିମ୍‌ପ୍ରାପ୍ତ ସ୍ୱେଚ୍ଛାସେବୀମାନେ ବିଦ୍ୟାଳୟ ଏବଂ ଘରକୁ ଘର ଯାଇ ଔଷଧ ବଣ୍ଟନ କରିବେ ।

ଢେଙ୍କାନାଳଠାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦିଲୀପ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଫାଇଲେରିଆ ରୋଗ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଇଯାଇଛି ।

***Ganjam/R***

## ସମୀକ୍ଷା ବୈଠକ

ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅସହାୟ ମହିଳା ଏବଂ କିଶୋରୀମାନଙ୍କର ସୁବିଧା ଓ ସହଯୋଗ ନିମନ୍ତେ ସେବା ଯୋଗାଉଥିବା 'ସଖୀ' କେନ୍ଦ୍ର ଏବଂ 'ଜାଗୃତି'ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ମେଡିକାଲ୍ କଲେଜ ପରିସରରେ ଥିବା ସଖୀ କେନ୍ଦ୍ରରେ ପୀଡ଼ିତାମାନଙ୍କୁ ମାଗଣାରେ ପୁଲିସ୍ ସହାୟତା ସହିତ ଡାକ୍ତରୀ ଏବଂ ଆଇନ ସହାୟତା ଯୋଗାଇ ଦିଆଯାଉଛି । ସଖୀ କେନ୍ଦ୍ରରେ ଅସହାୟ ମହିଳାମାନଙ୍କୁ ସେମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ କରାଯାଉଛି । ବୈଠକରୁ ମିଳିଥିବା ସୂଚନା ଅନୁସାରେ ମେଡିକାଲ୍ କଲେଜ ସ୍ଥିତ ସଖୀ

କେନ୍ଦ୍ରକୁ ଆସିଥିବା ୧ ହଜାର ୫୫୪ଟି ମାମଲା ମଧ୍ୟରୁ ୬୨୬ଟି ମାମଲାର ସମାଧାନ କରାଯାଇଛି ।

***Ganjam/R***

## ସର୍ବଶିକ୍ଷା ଅଭିଯାନ

ଗଞ୍ଜାମ ଜିଲ୍ଲାରେ ସର୍ବଶିକ୍ଷା ଅଭିଯାନ ଅଧୀନରେ ସବୁ ବିଦ୍ୟାଳୟର କାର୍ଯ୍ୟଖସଡ଼ା ସମ୍ପର୍କରେ ଜିଲ୍ଲା ଶିକ୍ଷା ପ୍ରକଳ୍ପ ସଂଯୋଜିକା ଅନିତା ପଟ୍ଟନାୟକଙ୍କ ଅଧ୍ୟକ୍ଷତରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟଗୁଡ଼ିକରେ ଅତିରିକ୍ତ ଶ୍ରେଣୀଗୃହ, ଶୌଚାଳୟ, ପାନୀୟ ଜଳ ଏବଂ ବିଦ୍ୟୁତ୍ ସଂଯୋଗୀକରଣ କାର୍ଯ୍ୟଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାପାଇଁ ଜିଲ୍ଲାର ସମସ୍ତ ବ୍ଲକ୍‌ର ବୈଷୟିକ ପରାମର୍ଶଦାତାମାନଙ୍କୁ ଶ୍ରୀମତୀ ପଟ୍ଟନାୟକ କହିଛନ୍ତି ।

***Desk***

## ପାଣିପାଗ

ଗାଙ୍ଗେୟ ପଶ୍ଚିମବଙ୍ଗ ଓ ସଂଲଗ୍ନ ବାଂଲାଦେଶ ଉପରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଏବେ ଗାଙ୍ଗେୟ ପଶ୍ଚିମବଙ୍ଗ, ଉତ୍ତର ଓଡ଼ିଶା ଓ ଝାଡ଼ଖଣ୍ଡ ଉପରେ

ସମାନ୍ତରାଳ ଭାବେ ରହିଛି । ଏହାର ପ୍ରଭାବରେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ସଂପୃକ୍ତ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ଏହାର ପ୍ରଭାବରେ ରାଜ୍ୟର ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସୋନପୁର ଓ ବଲାଙ୍ଗୀର ଜିଲ୍ଲାରେ ବିଭିନ୍ନ ସ୍ଥାନରେ ବର୍ଷାର ସମ୍ଭାବନା ରହିଛି ।

*****